# ମହାମନ୍ତ୍ର କୀର୍ତ୍ତନ

(ଶ୍ରୀଲ ଅଭୟଚରଣାରବିନ୍ଦ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ)

*ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ*
*ହରେ ରାମ ହରେ ରାମ ରାମ ରାମ ହରେ ହରେ ॥*

ଏହି ମହାମନ୍ତ୍ର କୀର୍ତ୍ତନ ହେଉଛି ଆମ୍ଭମାନଙ୍କର ଅପ୍ରାକୃତ ଚେତନ ଶକ୍ତିକୁ ପୁନର୍ଜାଗରଣର ଏକମାତ୍ର ଦିବ୍ୟ ଉପାୟ । ସ୍ୱରୂପତଃ ଆମ୍ଭେମାନେ ସମସ୍ତେ କୃଷ୍ଣଚେତନାମୟ, କିନ୍ତୁ ଅନାଦି କାଳରୁ ଜଡ଼ ବସ୍ତୁର ସଂସ୍ପର୍ଶରେ ଆମ୍ଭମାନଙ୍କର ଚେତନା କଳୁଷିତ । ଯେଉଁ ଜଡ଼ ପରିବେଶ ମଧ୍ୟରେ ବର୍ତ୍ତମାନ ଆମ୍ଭେମାନେ ବାସ କରୁଅଛୁ, ତାହାକୁ 'ମାୟା' କିମ୍ବା 'ମୋହ' ବୋଲି କୁହାଯାଏ । ମାୟା ଶବ୍ଦର ଅର୍ଥ ହେଲା ଯାହା ନୁହେଁ..... । ଭୃତ୍ୟ କୃତ୍ରିମ ଉପାୟରେ ସର୍ବ ଶକ୍ତିମାନ ପ୍ରଭୁଙ୍କୁ ଅନୁକରଣ କରିବାହିଁ ମାୟା । ଆମ୍ଭେମାନେ ଯେତେ ଜଡ଼-ପ୍ରକୃତି ଉପରେ ପ୍ରଭୁତ୍ୱ କରିବାପାଇଁ ଚେଷ୍ଟା କରୁଛୁ, ପ୍ରକୃତିର ସଂପଦ ଆତ୍ମସାତ କରିବାର ଚେଷ୍ଟା କରୁଅଛୁ, ସେତେ ପ୍ରକୃତିର କଠୋର ନିୟମ ଶୃଙ୍ଖଳରୂପ ମାୟା ଜାଲରେ ଜଡ଼ିତହୋଇ ପଡୁଅଛୁ । ପ୍ରକୃତିକୁ ଜୟ କରିବାକୁ ଯାଇ ପ୍ରକୃତିର ଅଧୀନ ହେବାକୁ ପଡୁଅଛି । ଏହାହିଁ ହେଉଛି 'ମାୟା' । କିନ୍ତୁ ଆମ୍ଭମାନଙ୍କର ସୁପ୍ତ କୃଷ୍ଣଭାବନା ପୁନର୍ଜାଗରଣ ଫଳରେ ଏହି ଜଡ଼ ପ୍ରକୃତି ସହିତ ମଧ୍ୟ ମାୟାର ଅବସାନ ହୁଏ ।

*ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ*
*ହରେ ରାମ ହରେ ରାମ ରାମ ରାମ ହରେ ହରେ ॥*

ଏହି ମହାମନ୍ତ୍ର ଆମ୍ଭମାନଙ୍କର ଚିନ୍ମୟ ଶୁଦ୍ଧ ଚେତନଶକ୍ତି ପୁନର୍ଜାଗରଣର ଅପ୍ରାକୃତିକ ପଥ । ଏହି ଅପ୍ରାକୃତ ଧ୍ୱନି ତରଙ୍ଗ କୀର୍ତ୍ତନ ଦ୍ୱାରା ଆମ୍ଭମାନଙ୍କର ହୃଦୟରେ ଥିବା ସମସ୍ତ ସଂଶୟ ଓ ଅବିଶ୍ୱାସ ଦୂର ହୋଇପାରେ । ଏଇ ସବୁ ସଂଶୟ ଓ ଅବିଶ୍ୱାସର ମୂଳ ହେଉଛି ଭ୍ରାନ୍ତ ଧାରଣା, ଯଥା - ଯାହା କିଛି ଦୃଶ୍ୟମାନ, ମୁଁ ତାହାର 'ପ୍ରଭୁ' । କୃଷ୍ଣ ଭାବନା ଏହିପରି କୌଣସି କୃତ୍ରିମ ମାନସିକ ଉତ୍ପୀଡ଼ନ ନୁହେଁ, ଏହା ଜୀବର ଆଦି ଶକ୍ତି । ଯେତେବେଳେ ଆମ୍ଭେମାନେ ଏଇ ମହାମନ୍ତ୍ର ଶ୍ରବଣ କରୁ, ସେତେବେଳେ ଆମ୍ଭମାନଙ୍କର ଏହି ଚେତନା ପୁନର୍ଜାଗରିତ ହୁଏ । ଭଗବତ୍ ଉପଲବ୍ଧିର ଏହି ସହଜତମ ପଥଟି ହେଉଛି ଏ ଯୁଗର ଧର୍ମ । ବାସ୍ତବ ଅଭିଜ୍ଞତା (Practical Experience) ହେଲେ ବୁଝାଯାଇ ପାରିବ ଯେ ଏହି ମହାମନ୍ତ୍ର କୀର୍ତ୍ତନର ସଙ୍ଗେ ସଙ୍ଗେ ଏକ ଅପ୍ରାକୃତ ପରିବେଶ ଅନୁଭବ ହୁଏ । ଜଡ଼ ଦୃଷ୍ଟିରେ ଆମ୍ଭମାନଙ୍କର ଇନ୍ଦ୍ରିୟ ସୁଖ ଭୋଗ ହେଉଛି ନିମ୍ନ ପଶୁର ଅନ୍ତର୍ଭୁକ୍ତ । ପଶୁ ଅପେକ୍ଷା ଉନ୍ନତ ବୁଦ୍ଧି ସମ୍ପନ୍ନ ଜୀବ ସମସ୍ତ କାରଣର ପରମ କାରଣ ଭଗବାନଙ୍କର ସନ୍ଧାନରେ ତତ୍ପର ହୁଏ । ଏହି ହରେକୃଷ୍ଣ ମହାମନ୍ତ୍ର କୀର୍ତ୍ତନ ଆଧ୍ୟାତ୍ମିକ ସ୍ତର ଅନୁସାରେ କାର୍ଯ୍ୟ କରେ ଏବଂ ଏଇ ଭାବରେ ଏହି ଧ୍ୱନିତରଙ୍ଗ ଚେତନାର ସମସ୍ତ ନିମ୍ନସ୍ତର (ଇନ୍ଦ୍ରିୟ, ମନ ଓ ବୁଦ୍ଧି) ଅତିକ୍ରମ କରେ । ଏହି ମହାମନ୍ତ୍ର କୀର୍ତ୍ତନ ପାଇଁ, ମନ୍ତ୍ରର ଭାଷା ବୁଝିବାର ପ୍ରୟୋଜନ ନାହିଁ, କୌଣସି ଯୁକ୍ତି ତର୍କର ପ୍ରୟୋଜନ ମଧ୍ୟ ନାହିଁ । ଅଥବା ବୁଦ୍ଧିର ସହିତ ଐକ୍ୟ ସାଧନର (Intellectual Adjustment) ମଧ୍ୟ କୌଣସି ପ୍ରୟୋଜନ ନାହିଁ । ଏହା ସ୍ୱତଃସ୍ଫୁର୍ତ୍ତ ଆଧ୍ୟାତ୍ମିକ ସ୍ତର ମାଧ୍ୟମରେ ଆସେ । ସେଥିପାଇଁ କୌଣସି ପ୍ରକାରର ପୂର୍ବ ଯୋଗ୍ୟତା ବିହିନ ଯେ କେହି 'ଅପ୍ରାକୃତ ଧ୍ୱନି' କୀର୍ତ୍ତନରେ ଅଂଶ ଗ୍ରହଣ କରିପାରିବେ ।

ଏହି ବିଷୟରେ ଲକ୍ଷଣୀୟ ବିଷୟଟି ହେଉଛି, ଏହି ମହାମନ୍ତ୍ର କୀର୍ତ୍ତନ ଯେତେ ଦୂର ସମ୍ଭବ ଶୁଦ୍ଧ ଭକ୍ତଙ୍କର ଶ୍ରୀ ମୁଖରୁ ଶ୍ରବଣୀୟ । ଦୁଗ୍ଧ ପରମ ଉପାଦେୟ ବସ୍ତୁ ହେଲେ ହେଁ ସର୍ପୋଚ୍ଛିଷ୍ଟ ଦୁଗ୍ଧ ଯେପରି ବିଷବତ୍ ପରିତ୍ୟଜ୍ୟ, ଅଭକ୍ତଙ୍କର ମୁଖରୁ ନାମ ଶ୍ରବଣ ଠିକ୍ ସେହିପରି ବିଷବତ୍ ପରିତ୍ୟଜ୍ୟ । ଶୁଦ୍ଧ ଭକ୍ତଙ୍କର ମୁଖ ନିଃସୃତ ନାମ ଶ୍ରବଣରେ ଦ୍ରୁତ ଫଳ ଲାଭ ହୁଏ ।

'ହରେ' ଅର୍ଥାତ୍ ଈଶ୍ୱରଙ୍କର ଶକ୍ତିକୁ ସମ୍ବୋଧନ କରାଯାଏ । 'କୃଷ୍ଣ' ଓ 'ରାମ' ଏହି ଉଭୟ ଶବ୍ଦର ଅର୍ଥ ପରମ ଆନନ୍ଦ । 'ହରା' ଈଶ୍ୱରଙ୍କର ପରମ ଆନନ୍ଦମୟୀ ଶକ୍ତି । ହରାର ସମ୍ବୋଧନ ପଦ (Vocative) 'ହରେ' । ଈଶ୍ୱରଙ୍କର ଏଇ ପରମ ଆନନ୍ଦମୟୀ ଶକ୍ତି ଆମ୍ଭମାନଙ୍କୁ ଈଶ୍ୱର ଲାଭରେ ସାହାଯ୍ୟ କରେ । 'ମାୟା' ହେଉଛି ଈଶ୍ୱରଙ୍କ ଅସଂଖ୍ୟ ଶକ୍ତି ମଧ୍ୟରୁ ଗୋଟିଏ ଏବଂ ଆମ୍ଭେମାନେ ମଧ୍ୟ ଭଗବାନଙ୍କର ଏକ ଶକ୍ତି । ଭଗବାନଙ୍କର ତଟସ୍ଥା ଶକ୍ତି ଜୀବ ମାୟାଶକ୍ତି ଅପେକ୍ଷା ଅଧିକ ଉତ୍କୃଷ୍ଟ । ଏହି ଉତ୍କୃଷ୍ଟ ଶକ୍ତି ଜୀବ ଯେତେବେଳେ ନିକୃଷ୍ଟ ଶକ୍ତି ମାୟାର ସଂସ୍ପର୍ଶରେ ଆସେ, ସେତେବେଳେ ଏକ ଅପ୍ରୀତିକର (Incompatible) ଅବସ୍ଥା ସୃଷ୍ଟି ହୁଏ, କିନ୍ତୁ ଉତ୍କୃଷ୍ଟ ତଟସ୍ଥା ଶକ୍ତି ଯେତେବେଳେ 'ହରା' ନାମରେ ପରମାନନ୍ଦମୟୀ ଶକ୍ତିଙ୍କ ସଂସ୍ପର୍ଶରେ ଆସେ ସେତେବେଳେ ଏହା ଆନନ୍ଦମୟ ସ୍ୱାଭାବିକ ଅବସ୍ଥାରେ ପ୍ରତିଷ୍ଠିତ ହୁଏ ।

'ହରା' 'କୃଷ୍ଣ' ଓ 'ରାମ'-ଏହି ତିନୋଟି ଶବ୍ଦ ମହାମନ୍ତ୍ରର ଅପ୍ରାକୃତ ବୀଜ । କୀର୍ତ୍ତନ ମାୟାବଦ୍ଧ ଜୀବଙ୍କର ଉଦ୍ଧାରାର୍ଥେ ଈଶ୍ୱର ଓ ତାଙ୍କ ଶକ୍ତିର ଉଦ୍ଦେଶ୍ୟରେ ଚିନ୍ମୟ ଆହ୍ୱାନ । ଯେପରି କ୍ଷୁଦ୍ର ଶିଶୁ ମାତୃ କୋଳ ପାଇଁ ବ୍ୟାକୁଳ ସ୍ୱରରେ କ୍ରନ୍ଦନ କରେ, ସେହିପରି ଆମ୍ଭେମାନେ ମଧ୍ୟ ବ୍ୟାକୁଳ ଚିତ୍ତରେ କୀର୍ତ୍ତନ କଲେ ଭଗବାନ ଶ୍ରୀକୃଷ୍ଣ ତାଙ୍କର ଅହୈତୁକୀ କୃପାପୂର୍ବକ ଆମ୍ଭମାନଙ୍କ ନିକଟରେ ନିଜକୁ ପ୍ରକାଶ କରନ୍ତି । ଏହି କଳହ ଓ କପଟତାର ଯୁଗରେ ଆତ୍ମୋପଲବ୍ଧିର ଉପାୟ ମହାମନ୍ତ୍ର-

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।
ହରେ ରାମ ହରେ ରାମ ରାମ ରାମ ହରେ ହରେ ॥
ଇତି ଷୋଡ଼ଶକଂ ନାମ୍ନାଂ କଳି କଳ୍ମଷ ନାଶନମ୍ ।
ନାତଃ ପରତରୋପାୟଃ ସର୍ବବେଦେଷୁ ଦୃଶ୍ୟତେ ॥ *(କଳି ସନ୍ତରଣ ଉପନିଷଦ)*

ହରେକୃଷ୍ଣ ମହାମନ୍ତ୍ରର ଏହି ଷୋହଳ ନାମ ବତ୍ରିଶ ଅକ୍ଷର କଳିଯୁଗର ପାପନାଶ ପାଇଁ ଉଦ୍ଦିଷ୍ଟ । ନିଜକୁ କଳିଯୁଗର କଳ୍ମଷରୁ ମୁକ୍ତ ରଖିବାକୁ ହେଲେ ଏହି ହରେକୃଷ୍ଣ ମହାମନ୍ତ୍ର ବ୍ୟତୀତ ଅନ୍ୟ ଉପାୟ ନାହିଁ । ଯୁଗଧର୍ମ ହିସାବରେ ହରେକୃଷ୍ଣ ମହାମନ୍ତ୍ର କୀର୍ତ୍ତନ ପରି ଅନ୍ୟ କୌଣସି ମହାନ୍ ପନ୍ଥା ସମସ୍ତ ବୈଦିକ ଗ୍ରନ୍ଥରେ ଅନୁସନ୍ଧାନ କରି ମଧ୍ୟ ମିଳେ ନାହିଁ ।

ଶ୍ରୀ ଚୈତନ୍ୟ ମହାପ୍ରଭୁ ଏବଂ ତାଙ୍କର ପାର୍ଷଦବର୍ଗଙ୍କର କୃପାପାତ୍ର ହେବାପାଇଁ ହରେକୃଷ୍ଣ ମହାମନ୍ତ୍ର କୀର୍ତ୍ତନ ପୂର୍ବରୁ ପଞ୍ଚତତ୍ତ୍ୱ ମନ୍ତ୍ର କୀର୍ତ୍ତନ କରାଯାଏ । ଯଦ୍ୱାରା ହରେକୃଷ୍ଣ ମହାମନ୍ତ୍ର କୀର୍ତ୍ତନ କରିବା ସମୟରେ ଅପରାଧରୁ ମୁକ୍ତ ହେବା ସଙ୍ଗେ ତାଙ୍କ କୃପାରୁ କୃଷ୍ଣ ପ୍ରେମ ଲାଭ ହୁଏ ।